# ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୦,ବୁଲେଟିନ ନମ୍ବର-୨୦ , ତାରିଖ : ୦୭।୦୩।୨୦୨୪,ଗୁରୁ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୮.୦୩.୨୦୨୪ –୧୨.୦୩. ୨୦୨୪,ଶୁକ୍ର ବାର - ମଙ୍ଗଳ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା(୩୦–୩୩ °C)ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୮-୨୦ °C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୬୩–୭୭%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକଆର୍ଦ୍ରତା(୧୯ –୨୨ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେବଗଡ | ୦୮-୦୩-୨୦୨୪ | ୭ | ୩୦ | ୨୦ | ୭ | ୭୧ | ୨୨ | ୭ | ୪୫ |
| | ୦୯-୦୩-୨୦୨୪ | ୦ | ୩୦ | ୧୯ | ୪ | ୭୭ | ୨୦ | ୮ | ୪୫ |
| | ୧୦-୦୩-୨୦୨୪ | ୦ | ୩୨ | ୧୯ | ୨ | ୬୩ | ୧୯ | ୬ | ୭୧ |
| | ୧୧-୦୩-୨୦୨୪ | ୦ | ୩୩ | ୧୮ | ୧ | ୭୫ | ୧୯ | ୭ | ୧୧୨ |
| | ୧୨-୦୩-୨୦୨୪ | ୦ | ୩୩ | ୧୮ | ୧ | ୭୨ | ୧୯ | ୬ | ୧୪୬ |

## କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ : ବିଶେଷ ସତର୍କତା :** ଆଗାମୀ ପାଞ୍ଚ ଦିନରେ ଦେବଗଡ ଜିଲ୍ଲାରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।

**ମଣ୍ଡିଆ :**

ମଣ୍ଡିଆ ଲଗାଇବାର ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

**ଖରାଟିଆ ଚିନାବାଦାମ :**

ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ଜଳସେଚନ ର ସୁବିଧା କରନ୍ତୁ

ଏହି ସମୟରେ ଧବଳ ଭୃଙ୍ଗ ଓ ଉଈ ଲାଗିବାର ଅଧିକ ସମ୍ଭାବନା ରହିଛି ଏଥିପାଇଁ ଏହାର ଦମନ ପାଇଁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ଦାନାଦାର ବିଷ ପ୍ରୟୋଗ କରନ୍ତୁ

ଚିନାବାଦାମ ଫସଲରେ ଜେ କୌଣସି ପତ୍ରଖିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଟ୍ରାଏଜୋଫସ ମିଶାଇ ପତ୍ରରେ  ସିଞ୍ଚନ କରନ୍ତୁ

ଫୁଲ ଧରିବା ପରେ ଆଉ ମାଟିକୁ କୋଡ଼ାଖୁସା କରନ୍ତୁ ନାହିଁ କାରଣ ଏହି ସମୟ ଠାରୁ ଫୁଲ ଝାଉଁଳି ତାର ଓହଳ ଗୁଡିକ କ୍ରମେ ଭିତରକୁ ପ୍ରବେଶ କରି ଫଳ ଫଳେ

**ଖରାଟିଆ ସୂର୍ଯ୍ୟମୂଖୀ :**

ସଅଳ ଲଗାଯାଇଥିବା ଫସଲ ୨୦ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛିଦିଅନ୍ତୁ

ଅଧିକ ଅମଳକ୍ଷମ ବିହନରେ ଏକର ପ୍ରତି ୩ ଗ୍ରାମ ଯବକ୍ଷାରଜାନ ଓ ଶଙ୍କର ଜାତୀୟରେ ଏହାର ଦୁଇଗୁଣା ସାର ପ୍ରୟୋଗ କରନ୍ତୁ ସାରକୁ ଗଛ ମୂଳ ଠାରୁ ୩-୫ ଇଞ୍ଚ ଛଡାରେ ଏବୌଂ ୨-୩ ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ

ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସୁସ୍ଥ ଓ ନୀରୋଗ  ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ

**ଖରାଟିଆ ବିରି :**

ଜଳସେଚିତ ଜମିରେ ଫେବ୍ରୁୟାରୀ ତୃତୀୟ ସପ୍ତାହ ଠାରୁ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଖରାଟିଆ ମୁଗ ବୁଣା ଶେଷ କରନ୍ତୁ

ଖରାଟିଆ ବିରି ଫସଲ ପାଇଁ ସାରଳା (୬୫-୭୦ ଦିନ)ପି ୟୁ -୩୦ (୬୫-୭୦ଦିନ )ପିୟୁ -୩୫ (୬୫-୭୦ ଦିନ ) ଓ ପି ୟୁ ୧୯ (୬୫-୭୦ ଦିନ) ଆଦି କିସମ ଗୁଡିକ ଉନ୍ନତ ଧରଣର କିସମ ଅଟେ

**ଅମୃତଭଣ୍ଡା :**

ବର୍ତ୍ତମାନ ସମୟ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ ଅଟେ ହନି ଡ୍ୟୁ କୁର୍ଜ୍ ହନି ଡ୍ୟୁ କୋଏମ୍ବାଟୁର -୧ କୋଏମ୍ବାଟୁର-୨ ପୂଷା ଡ଼େଲିସିୟସ ପୂଷା ମେଜେଷ୍ଟିକ ପୂଷା ଡ୍ୱାର୍ଫ ପୂଷା ଜାଏଣ୍ଟ ଆଦି କିସମ ଚୟନ କରନ୍ତୁ

୨.୫ ମି x ୨.୫ ମି ଦୂରତା ରେ ୦.୫x ୦.୫ ମିଟର ଗାତ କରି ଅମୃତଭଣ୍ଡା ଗଛ ଲଗାନ୍ତୁ

ଲଗାଇବା ବେଳେ ଗାତ ପ୍ରତି ୨ ଝୁଡି କମପୋଷ୍ଟ  ଦେଇ ଲଗାନ୍ତୁ ଏହା ସହିତ ୪୦୦ ଗ୍ରାମ ସି ଏ ନ ୨୫୦ ଗ୍ରାମ ସୁପର ଓ ୩୦୦ ଗ୍ରାମ ଏମ ଓ ପି ସାର ପ୍ରୟୋଗ କରନ୍ତୁ

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଂ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

**କୁକୁଡ଼ା ପାଳନ :**

କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲ କୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ

କୁକୁଡାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ମଧ୍ୟରେ ଲାସୋଟା ପ୍ରତିଷେଧକ ଟୀକା ଏବୌଂ ୧୩-୧୫ ଦିନ ମଧ୍ୟରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହେଉଅଛି |**

*ନୋଡାଲ ଅଫିସର, କିରେଇ*